

# ୩୧

# ସମାଜରୁ ବଞ୍ଚିତଥିବା ଅନ୍ୟାନ୍ୟ ଗୋଷ୍ଠୀର ସମସ୍ୟା

# PROBLEM OF OTHER DEPRIEVED SECTION

ଆମେ ପୂର୍ବ ଅଧ୍ୟାୟରେ ଆମ ସମାଜର ଦୁଇଗୋଟି ମୁଖ୍ୟ ସମୁଦାୟର ସମସ୍ୟାକୁ ଅଧ୍ୟୟନ କଲେ ଯେଉଁମାନଙ୍କୁ ଭାରତ ରାଷ୍ଟ୍ରପତି ଅନୁସୂଚିତ ଜାତି ଓ ଅନୁସୁଚିତ ଜନଜାତି ଭାବେ ଘୋଷଣା କରାଯାଇଛି । ଏହି ଅଧ୍ୟାୟରେ ସମାଜରୁ ବଞ୍ଚିତ ଅନ୍ୟାନ୍ୟ ଗୋଷ୍ଠୀଗୁଡିକ ସମ୍ବନ୍ଧରେ ପଢିବା ଯଥା- ଅନ୍ୟାନ୍ୟ ପଛୁଆ ଶ୍ରେଣୀ,ମହିଳା ଓ ଛୋଟ ପିଲାମାନଙ୍କ ସମସ୍ୟା ।

## ଲକ୍ଷ୍ୟ

ଏହି ଅଧ୍ୟାୟରେ ତୁମେ ଜାଣିବାକୁ ପାଇବ ।

- ଅନ୍ୟାନ୍ୟ ପଛୁଆଶ୍ରେଣୀଗୁଡିକର ସମସ୍ୟା ।
- ମହିଳାମାନଙ୍କ ବିଭିନ୍ନ ସମସ୍ୟା,
- ଛୋଟ ପିଲାମାନଙ୍କ ବିଭିନ୍ନ ସମସ୍ୟା ।

## ୩୧.୧ ଛୋଟ ପିଲାଙ୍କ ସମସ୍ୟା

ଗୋଟିଏ ପିଲା ହେଉଛି ଗୋଟିଏ ମଣିଷର ବାପା ଭଳି । ବାଲ୍ୟାବସ୍ଥାରୁ ହିଁ ଜଣେ ମଣିଷର ବିକାଶ ଓ ଜୀବନ ଶିକ୍ଷା ସମ୍ବନ୍ଧରେ ଜଣାପଡିଥାଏ । ଯାହାକି ଗୋଟିଏ ଦେଶର ବର୍ତ୍ତମାନ ଏବଂ ଭବିଷ୍ୟତ ପାଇଁ ସୂଚାଇ ଦେଇଥାଏ । ଭାରତର ସମ୍ବିଧାନ ଏହି ଛୋଟ ପିଲାମାନଙ୍କର ବିକାଶ ଓ ସୁରକ୍ଷା ପାଇଁ କେତେକ ନୀତି ନିୟମ ପ୍ରଣୟନ କରିଛନ୍ତି ।

ତୁମେ ପ୍ରତ୍ୟେକ ଦିନ ଦେଖିଛ ଯେ ପିଲାମାନେ ୟୁନିଫର୍ମ ପିନ୍ଧି ବିଦ୍ୟାଳୟକୁ ଯାଇଥାନ୍ତି । ଅନ୍ୟପକ୍ଷରେ ତୁମେ ମଧ୍ୟ ଦେଖିଛ କେତେକ ପିଲା ଅର୍ଦ୍ଧଲଙ୍ଗଳା ଅବସ୍ଥାରେ ରାସ୍ତାରୁ ଛିଣ୍ଡା କନା, କାଗଜ, ବୋତଲ ଇତ୍ୟାଦି (rag) ଗୋଟାଉଥାନ୍ତି । ସେମାନଙ୍କ ପିତାମାତା ସେମାନଙ୍କ ଖାଦ୍ୟ, ପୋଷାକ ଓ ଶିକ୍ଷା ପାଇଁ ଆଦୌ ଚିନ୍ତା କରନ୍ତି ନାହିଁ । ତୁମେ କେବେ ଭାବିଛ କି ପିଲାମାନେ କାହିଁକି ସ୍କୁଲକୁ ଯାଉନାହାନ୍ତି । ଏହାର ଏକମାତ୍ର କାରଣ ହେଲା ସେମାନେ ଅତିଗରିବ ପରିବାରରୁ ଆସିଛନ୍ତି । ସେମାନଙ୍କ ପାଇଁ ଶିକ୍ଷା ଅପେକ୍ଷା ଖାଦ୍ୟ ଅଧିକ ଜରୁରି ବା ଆବଶ୍ୟକ । ସେମାନେ ଶିକ୍ଷା ବିନା ବଞ୍ଚିପାରିବେ । କିନ୍ତୁ ଖାଦ୍ୟ ବିନା ବଞ୍ଚିପାରିବେ ନାହିଁ । ଏହି ପିଲାମାନେ ବହୁ କଷ୍ଟକରି

ତାଙ୍କ ପରିବାରକୁ କିଛି ସାହାଯ୍ୟ କରିଥାନ୍ତି ।

### (୧) ଶିଶୁ କନ୍ୟା (Girl children)

ବାଳିକାମାନେ ବାଳକମାନଙ୍କ ଅପେକ୍ଷା ଆମ ସମାଜରେ ଅଧିକ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଜଣେ ବାଳିକା ଶିକ୍ଷାଲାଭରୁ ବଞ୍ଚିତ ହୋଇଥାଏ। ସେମାନେ ସ୍କୁଲର ଦ୍ୱାର ଦେଖି ନଥାନ୍ତି। ସେମାନଙ୍କୁ ଘର କାମରେ ଶିକ୍ଷା ଦିଆଯାଏ ବିଶେଷତଃ ଗ୍ରାମାଞ୍ଚଳରେ। ଏଣୁ ଝିଅଟିଏ ବାପାଙ୍କ ଘରେ ମା'ଙ୍କୁ ସାହାଯ୍ୟ କରେ । କିନ୍ତୁ ବିବାହ ପରେ ସେ ତାର ସ୍ୱାମୀ ଘରେ ଜଣେ ଘରୁଣୀ ହିସାବରେ କାମ କରିଥାଏ । କେତେକ ସମୁଦାୟରେ ଏବେ ମଧ୍ୟ ବାଲ୍ୟବିବାହ ପ୍ରଥା ଚାଲିଅଛି । ବାଲ୍ୟବିବାହ ହେତୁ ଝିଅମାନେ ଶିକ୍ଷା ଅଧିକାରରୁ ବଞ୍ଚିତ ହୋଇଥାଆନ୍ତି । ଯାହା ଫଳରେ ଖୁବ୍ କମ୍ ବୟସରେ ଝିଅମାନେ ମା' ହେଉଥିଲେ ଯାହାକି ପରେ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି କରୁଥିଲା । ଗ୍ରାମାଞ୍ଚଳମାନଙ୍କରେ ମାଟ୍ରିକ୍ୟୁଲେସନ ପରେ ପରେ ଅଭିଭାବକମାନେ ସେମାନଙ୍କ ଝିଅମାନଙ୍କ ବିବାହ କରାଇଥାନ୍ତି।

ଝିଅ ପିଲାମାନେ ଖୁବ୍ କମ୍ ବୟସରେ ସେମାନଙ୍କ ଘର କାମ କରିବା ସଂଗେ ସଂଗେ ଶିଶୁଶ୍ରମିକ ଭାବେ ବା ଚାକରାଣୀ ଭାବେ ମଧ୍ୟ କାମ କରିଥାନ୍ତି । ଏଣୁ ସେମାନଙ୍କୁ ମାଲିକ, ଠିକାଦାର ଓ ଏଜେଣ୍ଟମାନଙ୍କ ଦ୍ୱାରା ଶାରୀରିକ ଓ ଅର୍ଥନୈତିକ ନିର୍ଯାତନା ସହିବାକୁ ପଡେ। ଆମ ସମାଜରେ ଗରିବ ପରିବାରରେ ଛୋଟ ଝିଅମାନଙ୍କୁ ମଧ୍ୟ ବିକ୍ରି କରାଯାଇଥାଏ। ଏଣୁ ସେମାନଙ୍କୁ ରୋଜଗାରର ଏକ ପନ୍ଥା ଭାବେ ବିଚାର କରାଯାଏ। ଧନୀ ଶ୍ରେଣୀର ଲୋକେ ଗରିବ ପରିବାରର ଝିଅମାନଙ୍କୁ ଚାକରାଣୀ ଭାବେ କାମ କରାଇଥାନ୍ତି ଓ ଆଉ କେତେକ ସ୍ଥାନରେ ବିବାହ ମଧ୍ୟ କରିଥାନ୍ତି। ତଥାପି ବାଲ୍ୟାବସ୍ଥାକୁ ସାଧାରଣତଃ ଆନନ୍ଦର ଅବସ୍ଥା ବୋଲି ଭାବିଥାଉଁ। କିନ୍ତୁ ଭାରତର ଗ୍ରାମାଞ୍ଚଳରେ ଝିଅ ପିଲାମାନଙ୍କୁ ବିଭିନ୍ନ କ୍ଷେତ୍ରରେ ଶୋଷଣ କରାଯାଉଅଛି।

### (୨) ରାସ୍ତାକଡର ପିଲାମାନେ (Street Children)

ଗରିବ ପରିବାରର କେତେକ ଛୋଟ ପିଲା ବିଭିନ୍ନ କାମ କରିବା ପାଇଁ ସହରାଞ୍ଚଳକୁ ଆସିଥାନ୍ତି। ସେମାନେ ସହରାଞ୍ଚଳରେ ଖବରକାଗଜର ହକର୍ ଭାବେ, ଗ୍ୟାରେଜମାନଙ୍କରେ ହେଲପର୍ ଭାବେ, କିମ୍ବା ରାସ୍ତାରେ ଯୋତା ସଫା କରିବା ଇତ୍ୟାଦି କାମ କରିଥାନ୍ତି। ସେମାନେ ଏଭଳି କାର୍ଯ୍ୟ କରିଥାନ୍ତି ଯେଉଁଠି କୌଣସି ମୂଳଧନର ଆବଶ୍ୟକତା ପଡିନଥାଏ, ଯଥା- ଛିଣ୍ଡା କନା ଗୋଟେଇବା କିମ୍ବା ଭିକ୍ଷା ମାଗିବା । ସେମାନେ ସହରରେ ରହିବା ପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ଟଙ୍କା ଦେଇ ଘରଭଡ଼ା ନେବା ସେମାନଙ୍କ ଦ୍ୱାରା ସମ୍ଭବ ନୁହେଁ। ଏଣୁ ସେମାନଙ୍କୁ ବିଭିନ୍ନ ବସ୍‌ଷ୍ଟାଣ୍ଡ, ରେଳଷ୍ଟେସନ, ଉଦ୍ୟାନ, ପାର୍କମାନଙ୍କରେ ରହିବାକୁ ପଡେ । ଗୋଟିଏ ହିସାବରୁ ଜଣାଯାଏ ଯେ ବାଙ୍ଗାଲୋର, ମୁମ୍ବାଇ, କଲିକତା, ଦିଲ୍ଲୀ, ହାଇଦ୍ରାବାଦ, କାନପୁର ଓ ଚେନ୍ନାଇ ସହରମାନଙ୍କରେ ପାଞ୍ଚ ଲକ୍ଷରୁ ଅଧିକ ପିଲା ସଡକ/ରାସ୍ତା କଡ଼ରେ ଜୀବନଯାପନ କରିଥାନ୍ତି ।



ଏ ଧରଣର ପିଲାମାନଙ୍କର କେହି ଅଭିଭାବକ ନ ଥିବା ହେତୁ ସେମାନେ ବିଭିନ୍ନ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହନ୍ତି ଏବଂ ବିଡି, ସିଗାରେଟ୍, ମଦ, ଗଞ୍ଜେଇ, ଭାଙ୍ଗ ଇତ୍ୟାଦି ସେବନ କରିଥାନ୍ତି । ଯାହା ଫଳରେ ଭବିଷ୍ୟତରେ ଏକ ପ୍ରକାର ଅସାମାଜିକ ବ୍ୟକ୍ତି ହୋଇ ସମାଜରେ ପରିଚିତ ହୋଇଥାନ୍ତି ।

ନିମ୍ନଲିଖିତ ଗୁଣଗୁଡିକ ରାସ୍ତାଘାଟର ପିଲାଙ୍କଠାରେ ଦେଖାଦେଇଥାଏ ।

(କ) ପିଲାମାନେ ଘରଛାଡ଼ି ପଳାଇ ଆସିଥାନ୍ତି ବା କାହାଦ୍ୱାରା ଅପହରଣ ହୋଇଥାନ୍ତି ।

(ଖ) ସେମାନେ ଅନାଥ ହୋଇଥାନ୍ତି କିମ୍ବା ପରିବାରରୁ ଅଲଗା ହୋଇଥାନ୍ତି ।

(ଗ) ସେମାନେ ଦାରିଦ୍ରତା ଓ ନିରକ୍ଷରତା ଓ ପୁଷ୍ଟିର ଅଭାବର ଶିକାର ହୋଇଥାନ୍ତି ।

(ଘ) ଏମାନଙ୍କୁ ଶାରୀରିକ ଓ ଯୌନ ନିର୍ଯାତନା ଦିଆଯାଇଥାଏ ।

(ଙ) ଏମାନେ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହିଥାଆନ୍ତି ।

(ଚ) ସେମାନେ ସାଧାରଣତଃ ଅଣକୁଶଳୀ କାର୍ଯ୍ୟ କରିଥାନ୍ତି ।

(ଛ) ଏମାନେ ସରକାରୀ ଜାଗାମାନଙ୍କରେ ରହିଥାନ୍ତି । ଏଣୁ ବାରମ୍ବାର ସେମାନଙ୍କୁ ସ୍ଥାନ ଛାଡିବାକୁ ପଡିଥାଏ ।

(ଜ) ସାଙ୍ଗ ଦୋଷରୁ ଏମାନେ ମଦ, ଗଞ୍ଜେଇ, ବିଡି, ସିଗାରେଟ ଖାଇ ଅସାମାଜିକ ଜୀବନ ଯାପନ କରିଥାନ୍ତି ।

### (ଗ) **ଶିଶୁଶ୍ରମିକ** (Child labour)

ତୁମେମାନେ ମଧ୍ୟ ଦେଖିଥିବ ଛୋଟ ପିଲାମାନେ ଯେଉଁ ସମୟରେ ସେମାନେ ସ୍କୁଲରେ ପାଠ ପଢିବା କଥା ସେହି ସମୟରେ ସେମାନେ ଶିଶୁଶ୍ରମିକ ଭାବେ କାମ କରୁଛନ୍ତି । ଏମାନଙ୍କ ବୟସ ସାଧାରଣତଃ ପାଞ୍ଚବର୍ଷରୁ ଚଉଦ ବର୍ଷ ମଧ୍ୟରେ ହୋଇଥାଏ । ସେମାନେ ସାଧାରଣତଃ ଅତି ଗରିବ ପରିବାରରୁ ଆସିଥାନ୍ତି । ସେମାନଙ୍କ ଅଭିଭାବକଙ୍କ ପାଖରେ ବିଶେଷ କିଛି ସମ୍ବଳ ନଥାଏ । ତେଣୁ ସେମାନେ ସେମାନଙ୍କ ପିଲାଙ୍କୁ ସ୍କୁଲ ପଠେଇବା ପରିବର୍ତ୍ତେ ରୋଜଗାର କରିବା ପାଇଁ ବିଭିନ୍ନ ଜାଗାକୁ ପଠାଇଥାନ୍ତି । ଏମାନଙ୍କୁ ଶିଶୁଶ୍ରମିକ କୁହାଯାଏ । ଏହି ଶିଶୁଶ୍ରମିକମାନେ ହୋଟେଲ୍, ଘରର ଚାକର, ଚାକରାଣୀ, ଚୁଡି କାରଖାନା, ଲାଖ କାରଖାନା, ବିଡି କାରଖାନା, ପାପଡ କାରଖାନା ଓ ଖଣି ଅଞ୍ଚଳରେ କାମ କରିଥାନ୍ତି ।

ଏହି ଶିଶୁ ଶ୍ରମିକମାନେ ବିଭିନ୍ନ ଅସ୍ୱାସ୍ଥ୍ୟକର ପରିସ୍ଥିତିରେ କାର୍ଯ୍ୟ କରିବା ହେତୁ ଅନେକ



ରୋଗରେ ଆକ୍ରାନ୍ତ ହୋଇଥାନ୍ତି ଯଥା-ଶ୍ୱାସ, ଯକ୍ଷ୍ମା, ଚକ୍ଷୁରୋଗ, ଯୌନ ରୋଗ, ଚର୍ମ ରୋଗ ଓ କାନରୋଗ ଇତ୍ୟାଦି । ଏଣୁ ସେମାନେ ସମସ୍ତଙ୍କର ଏକ ପ୍ରକାର ନିର୍ଯାତନାର ଶିକାର ହୋଇଥାନ୍ତି । ଶିଶୁ ଶ୍ରମିକମାନେ ସାହୁକାରମାନଙ୍କ ପାଇଁ ବେଶ୍ ଲାଭଦାୟକ; କାରଣ କମ୍ ଦରମାରେ ବେଶୀ ସମୟ କାମ କରିପାରନ୍ତି । ଭାରତରେ ୧୪ ବର୍ଷରୁ କମ୍ ପିଲାଙ୍କର ସଂଖ୍ୟା ପ୍ରାୟ ୩୦ କୋଟି । ପୃଥିବୀରେ ଆମ ଦେଶ ଶିଶୁ ଶ୍ରମିକ ନିୟୋଜନରେ ପ୍ରଥମ ସ୍ଥାନରେ ଅଛି ଯାହାକି ମୋଟ ଜନସଂଖ୍ୟାର ଏହା ଶତକଡ଼ା ୫.୨ ଭାଗ । ଶିଶୁ ଶ୍ରମିକ ଗ୍ରାମାଞ୍ଚଳରେ ଶତକଡ଼ା ୮୮.୬୪ ଭାଗ ଥିବାବେଳେ ସହରାଞ୍ଚଳରେ ଏହାର ହାର ଶତକଡ଼ା ୧୧.୩୬ ଭାଗ ।

ଶିଶୁ ଶ୍ରମିକ ଆଇନ ୧୯୮୬ ଅନୁଯାୟୀ ୧୪ ବର୍ଷରୁ କମ୍ ବୟସର ପିଲାଙ୍କୁ କାମ କରିବାରୁ ବାରଣ କରାଯାଇଅଛି । ଯଦି ଏହାର ବିଚ୍ୟୁତି ଘଟେ ଏବଂ ଯଦି କୌଣସି ଲୋକଶିଶୁ ଶ୍ରମିକକୁ ନିୟୋଜିତ କରି ଧରାପଡେ ତା'ହେଲେ ଟ୧୦,୦୦୦/-ରୁ ୨୦,୦୦୦/- ପର୍ଯ୍ୟନ୍ତ ଜୋରିମାନା ସହ ଦୁଇମାସରୁ ଏକବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ ଭୋଗିବାକୁ ପଡେ ।

ପାଠଗତ ପ୍ରଶ୍ନ ୩୧.୧

'କ' ସ୍ତମ୍ଭ ସଙ୍ଗେ 'ଖ' ସ୍ତମ୍ଭକୁ ମିଶାଇ ଲେଖ

| | | | |
|---|---|---|---|
| ୧. | ଝିଅପିଲାମାନେ | ୧. | ୧୯୭୬ରେ ପ୍ରଣୟନ ହୋଇଥିଲା |
| ୨. | ଗରିବ ପରିବାର ଝିଅମାନଙ୍କୁ | ୨. | ଶିଶୁ ଶ୍ରମିକ କୁହାଯାଏ । |
| ୩. | ରାସ୍ତାଘାଟର ପିଲାମାନେ | ୩. | ପ୍ରଭେଦକରଣ ବ୍ୟବହାରରର ସମ୍ମୁଖୀନ ହୁଅନ୍ତି |
| ୪. | ୧୪ ବର୍ଷରୁ କମ୍ ବୟସର ପିଲାଙ୍କ ରୋଜଗାର | ୪. | ଟଙ୍କା ପାଇବା ଆଶାରେ ବିକ୍ରି କରାଯାଏ |
| ୫. | ଶିଶୁ ଶ୍ରମିକ (ପ୍ରତିରୋଧ ଓ ନିୟନ୍ତ୍ରଣ) ଆଇନ | ୫. | ଅନାଥ, ଘରୁ ପଳେଇବା ବା ଉଠେଇ ନେବା |

## ୩୧.୨ ମହିଳାମାନଙ୍କ ସମସ୍ୟା

ତୁମ ପରିବାରରେ ତୁମେ ମା ଭଉଣୀ ଓ ଆଇମା'ଙ୍କୁ ଜାଣିଥିବ । ସେହିପରି ବିବାହ ପରେ ରକ୍ତ ସମ୍ପର୍କ ହିସାବରେ ସ୍ତ୍ରୀ ଓ ଝିଅଙ୍କୁ ମଧ୍ୟ ଧରାଯାଇପାରେ । ପ୍ରତ୍ୟେକ ସମାଜରେ ମହିଳାମାନଙ୍କ ସଂଖ୍ୟା ମୋଟ ଜନସଂଖ୍ୟାର ଅଧା ଯାହାକି ଭାରତୀୟ ସମାଜରେ ମଧ୍ୟ ଦେଖିଥାଉ । ଆମ ଦେଶରେ ପୁରୁଷ ଓ ସ୍ତ୍ରୀର ହାର ଯଥାକ୍ରମେ ୧୦୦୦ ଓ ୯୨୯ (୧୯୯୧ ଜନଗଣନା) । କିନ୍ତୁ



ମହିଳାମାନେ କେତେକ ଅଧିକାର ଓ ସ୍ୱାଧୀନତାରୁ ବଞ୍ଚିତ ହୋଇଥାନ୍ତି । ମହିଳାମାନେ ହେଉଛନ୍ତି ଆମ ପରିବାରର ପ୍ରଥା, ପରମ୍ପରା ଓ ସଂସ୍କୃତିର ରକ୍ଷକ । ସେମାନେ ହେଲେ ପରିବାରର ପ୍ରଥମ ଗୁରୁ । ଆମେ ସେମାନଙ୍କୁ ଆମ ହିନ୍ଦୁ ପରମ୍ପରା ଅନୁଯାୟୀ ଲକ୍ଷ୍ମୀ ରୂପରେ ଦେଖୁ ଯେ ହେଉଛନ୍ତି ଧନ ସମ୍ପତ୍ତିର ଦେବୀ ବା ଅଧିକାରିଣୀ । କିନ୍ତୁ ଅତୀତରେ ସେମାନଙ୍କୁ ଉତ୍ତରାଧିକାରୀ ଅଧିକାର ମିଳୁନଥିଲା । ଆମେ ଜାଣିଥାଉଁ ଯେ ଯେଉଁଠି ମହିଳାମାନଙ୍କୁ ପୂଜା କରାଯାଏ ସେଠାରେ ଦେବାଦେବୀମାନେ ଅବସ୍ଥାନ କରିଥାନ୍ତି । କିନ୍ତୁ ପ୍ରକୃତରେ ସମାଜରେ ନାରୀମାନଙ୍କୁ ନିର୍ଯାତନା ଦିଆଯାଉଛି ।

### (କ) **ଲିଙ୍ଗଗତ ପ୍ରଭେଦିକରଣ (Gender Discrimination)**

ଲିଙ୍ଗ ଏକ ପ୍ରାକୃତିକଗୁଣ ବା ବିଷୟ । ପରିବାରରେ ବଂଶ ବିସ୍ତାର ପାଇଁ; ଉତ୍ତରାଧିକାରୀ ଚୟନ ପାଇଁ ବା ସମାଜର ସକଳ କାର୍ଯ୍ୟ ପାଇଁ ଉଭୟ ପୁରୁଷ ଓ ସ୍ତ୍ରୀ ସମାନ । କିନ୍ତୁ ଆଶ୍ଚର୍ଯ୍ୟର କଥା- ଆମ ସମାଜରେ ଲିଙ୍ଗକୁ ନେଇ ଅନେକ ଚର୍ଚ୍ଚା ହୋଇଥାଏ । ପିତୃକେନ୍ଦ୍ରିକ ପରିବାରରେ ପୁଅକୁ ଅଧିକ ପ୍ରାଧାନ୍ୟ ଦିଆଯାଉଥିବା ବେଳେ ଝିଅମାନଙ୍କୁ ଅନ୍ୟର ସମ୍ପତ୍ତି ବା ପରାୟାଧନ ବୋଲି ବିଚାରିଥାନ୍ତି । ଯେତେବେଳେ ଜଣେ ସ୍ତ୍ରୀ ବିଧବା ହୁଏ ସେ ତାର ସାମାଜିକ ସ୍ଥିତି ହରାଇବସେ । କିନ୍ତୁ ଯେତେବେଳେ ଜଣେ ପୁରୁଷର ସ୍ତ୍ରୀ ମରିଯାଏ ତାର ସ୍ଥିତିରେ କୌଣସି ପ୍ରକାରର ପରିବର୍ତ୍ତନ ହୋଇନଥାଏ ।

### (ଖ) **ଘରୋଇ ହିଂସା (Domestic Violence)**

ଗୋଟିଏ ପରିବାରର ସୁପରିଚାଳନା ପାଇଁ ଜଣେ ପୁରୁଷ ସ୍ୱାମୀ ହିସାବରେ ଓ ଜଣେ ମହିଳା ସ୍ତ୍ରୀ ଭାବରେ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି । କିନ୍ତୁ ବର୍ତ୍ତମାନ ଆମ ସମାଜରେ ଅଧିକାଂଶ ମହିଳା ଘରୋଇହିଂସାର ଶିକାର ହେଉଛନ୍ତି । ଘରେ ମହିଳାମାନଙ୍କୁ ବିଭିନ୍ନ ନିର୍ଯ୍ୟାତନା ଦେବା, ପିଟିବା, ବିଷ ଦେଇ ହତ୍ୟା କରିବା, କିରୋସିନ୍ ଓ ପେଟ୍ରୋଲ ଢାଳି ଜାଳିଦେବା, ପାଣିରେ ବୁଡ଼ାଇ ମାରିବା, ଇତ୍ୟାଦି ହିସାବରେ ଘରୋଇ ହିଂସା କରାଯାଉଅଛି । ଏହା କେବଳ ଅନୁସୂଚିତଜାତି, ଜନଜାତି ଓ ପଛୁଆ ବର୍ଗରେ ଦେଖାଯାଇନଥାଏ ବରଂ ଉଚ୍ଚଜାତିରେ ମଧ୍ୟ ଘଟିଥାଏ । ମାନବ ବିକାଶ ରିପୋର୍ଟ ୧୯୯୫ ଅନୁଯାୟୀ ଆମ ଦେଶରେ ବିବାହିତ ମହିଳାମାନଙ୍କ କ୍ଷେତ୍ରରେ ଦୁଇ ତୃତୀୟାଂଶ ଘରୋଇହିଂସା ଦେଖାଦେଇଥାଏ । କିନ୍ତୁ ୨୦୦୨ରେ ପ୍ରକାଶିତ ୟୁନିସେଫ୍ ରିପୋର୍ଟ ଏହି ସଂଖ୍ୟାକୁ ଅଧିକ କରିଅଛି । ଏହି ଅପରାଧକୁ ପ୍ରତିରୋଧ କରିବା ପାଇଁ ଓ ହାରକୁ କମ୍ କରିବା ପାଇଁ ଘରୋଇ ହିଂସା ବିଲ୍ ୨୦୦୧ ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଅଛି ।

### **(ଗ) ଯୌତୁକ (Dowry)**

ତୁମେମାନେ ସମସ୍ତେ ଯୌତୁକ ଶବ୍ଦଟି ଉଣା ଅଧିକେ ଶୁଣିଥିବ । ଯୌତୁକର ଅର୍ଥ ହେଲା



ବିବାହ ସମୟରେ ଗୋଟିଏ ବରର ପିତା କନ୍ୟା ପିତାଙ୍କୁ ନଗଦ ଟଙ୍କା ଆକାରରେ କିମ୍ବା ଜିନିଷ ହିସାବରେ କିଛି ଦାବି କରିଥାଏ । ଯାହାକି ଉପହାର ନୁହେଁ । ବରଂ ତାକୁ ଜୋର ଜବରଦସ୍ତି ମାଗିଥିବାରୁ ଯୌତୁକ କୁହାଯାଏ । ଅନେକ ଗୁଡିଏ ଅନୁସନ୍ଧାନରୁ ଜଣାଯାଏ ଯେ ଏହା ଉଚ୍ଚ ଜାତିରେ ଓ ଉଚ୍ଚଶିକ୍ଷିତ ପରିବାରମାନଙ୍କରେ ବେଶୀ ସଂଖ୍ୟାରେ ଦେଖାଯାଏ । ୧୯୮୯ ମସିହାରେ ଆମ ଦେଶରେ ସର୍ବମୋଟ ୪୨୧୫ଟି ଯୌତୁକ ନିର୍ଯାତନା କେସ୍ ରେଜିଷ୍ଟ୍ରିଭୁକ୍ତ ହୋଇଥିବା ସ୍ଥଳେ ଦଶବର୍ଷ ପରେ ୧୯୯୯ରେ ତାର ସଂଖ୍ୟା ୬୬୯୯କୁ ବୃଦ୍ଧି ପାଇଥିଲା । ବର୍ତ୍ତମାନ ଆମ ଦେଶରେ ପ୍ରତିବର୍ଷ ହଜାର ହଜାର ବିବାହିତ ମହିଳା ଯୌତୁକ ନିର୍ଯ୍ୟାତନା ପାଇଁ ମୃତ୍ୟୁବରଣ କରିଥାନ୍ତି । କିନ୍ତୁ ୧୯୭୬ ଯୌତୁକ ନିରୋଧ ଆଇନ ପ୍ରଣୟନ ହେଲା ପରେ ଏହାକୁ ଅତି ଗମ୍ଭିରତାର ସହିତ ବିଚାରକୁ ନିଆଯାଇଛି ।

### (ଘ) ଶୋଷଣ ବା ନିର୍ଯ୍ୟାତନା (Exploitation)

ଦାରିଦ୍ର୍ୟ, ସାମାଜିକ ଓ ସାଂସ୍କୃତିକ କାରଣଗୁଡିକ ଯୋଗୁଁ ମହିଳାମାନେ ସମାଜରେ ଶୋଷିତ ହୋଇଥାନ୍ତି । ସେମାନେ ସମ୍ପତ୍ତିର ଉତ୍ତରାଧିକାରୀ ହେବାପାଇଁ, ପରିବାରର କୌଣସି ଅଳଙ୍କାର ପାଇବା ପାଇଁ କିମ୍ବା ଅନ୍ୟ କୌଣସି ନିଜ ପାଉଣା ପାଇଁ ସବୁବେଳେ ଶୋଷିତ ହୋଇଥାନ୍ତି । ଏପରିକି ସେମାନଙ୍କ ସ୍ୱାମୀର ସମ୍ପତ୍ତିକୁ ମଧ୍ୟ ବିକ୍ରି କରିପାରନ୍ତି ନାହିଁ । ଯେତେବେଳେ ଜଣେ ସ୍ତ୍ରୀ ବିଧବା ହୁଏ ତାର ଦିଅର କେବଳ ତାକୁ ଖାଇବାକୁ ଦେଇଥାଏ ଏବଂ ଯଦି ସେ ସ୍ୱାମୀର ସମ୍ପତ୍ତି ଦାବି କରେ, ତା'ହେଲେ ତାକୁ ବିଭିନ୍ନ ଧରଣର ନିର୍ଯ୍ୟାତନା ଦିଆଯାଏ, ମାଡ ଦିଆଯାଏ ଓ କେତେକ ଜାଗାରେ ହତ୍ୟା ମଧ୍ୟ କରାଯାଇଥାଏ ।

### (ଙ) ଆଇନ ସଚେତନତା (Awareness of Legislation)

ଆମ ସରକାର ସବୁବେଳେ ଘରୋଇ ହିଂସା, ଲିଙ୍ଗଗତ ପ୍ରଭେଦ, ନାରୀ ନିର୍ଯ୍ୟାତନା ଉପରେ ସଚେତନ ଅଛନ୍ତି । ଅବଶ୍ୟ ଇଂରେଜ ଶାସନକାଳରେ ଏ କ୍ଷେତ୍ରରେ କିଛି ପଦକ୍ଷେପ ନିଆଯାଇଥିଲା । ଯଥା ୧୮୨୯ ମସିହାରେ ସତୀପ୍ରଥା ଉଚ୍ଛେଦ, ୧୮୪୩ ମସିହାରେ କ୍ରୀତଦାସ ପ୍ରଥା ଉଚ୍ଛେଦ, ୧୯୨୯ ମସିହାରେ ବାଲ୍ୟବିବାହକୁ ବାରଣ ଓ ୧୮୫୬ ବିଧବା ପୁର୍ନବିବାହ ଆଇନ ପ୍ରଣୟନ ହୋଇଥିଲା । କିନ୍ତୁ ସ୍ୱାଧୀନତା ପରେ ସ୍ୱତନ୍ତ୍ର ବିବାହ ଆଇନ ୧୯୫୪, ହିନ୍ଦୁ ବିବାହ ଆଇନ ୧୯୫୫, ହିନ୍ଦୁ ଉତ୍ତରାଧିକାରୀ ଆଇନ ୧୯୫୬, ଗର୍ଭପାତ ଆଇନ ୧୯୭୧ ଏବଂ ଯୌତୁକ ନିରୋଧ ଆଇନ ୧୯୭୬, ହିନ୍ଦୁ ପୋଷ୍ୟପୁତ୍ର ଆଇନ ୧୯୫୬ ଇତ୍ୟାଦି ଭାରତୀୟ ମହିଳାମାନଙ୍କ ଉନ୍ନତି ନିମନ୍ତେ ପ୍ରଣୟନ କରାଗଲା । ହିନ୍ଦୁ ବିବାହ ଆଇନ ୧୯୫୫ରେ ହିନ୍ଦୁ, ଶିଖ, ବୌଦ୍ଧ ଓ ଜୈନ ଧର୍ମର ଅନ୍ତର୍ଭୁକ୍ତ ହୋଇଥାଏ । ଉତ୍ତରାଧିକାରୀ ଆଇନ ୧୯୫୬ ପୁଅ ସହିତ ଝିଅମାନଙ୍କୁ ମଧ୍ୟ ସମ୍ପତ୍ତିର ସମାନ ଅଧିକାର ଦେବା ପାଇଁ ବ୍ୟବସ୍ଥା ଅଛି । ଯୌତୁକ ନିରୋଧ ଆଇନ୍ ୧୯୭୬ ଅନୁଯାୟୀ ଯୌତୁକ ନେବା ଏବଂ ଦେବା ଦଣ୍ଡନୀୟ ଅପରାଧ ଅଟେ ।



୧୮ ବର୍ଷରୁ କମ୍ ବୟସର ଝିଅଙ୍କୁ ବିବାହ କଲେ ଆଇନ୍ ଅନୁଯାୟୀ ଦଣ୍ଡନୀୟ । କାର୍ଯ୍ୟକ୍ଷେତ୍ରରେ ଯୌନ ନିର୍ଯାତନା ସୁପ୍ରିମକୋର୍ଟ ଦ୍ୱାରା ଦଣ୍ଡନୀୟ ଅପରାଧ ଅଟେ। ତଥାପି ଆମ ଦେଶରେ ଅଧିକାଂଶ ମହିଳା ଏହି ଆଇନଗୁଡ଼ିକ ସମ୍ବନ୍ଧରେ ଜାଣନ୍ତି ନାହିଁ ।

## ପାଠଗତ ପ୍ରଶ୍ନ ୩୧.୨

ନିମ୍ନ ବାକ୍ୟଗୁଡ଼ିକର ଠିକ୍ ଓ ଭୁଲ ଉତ୍ତରଗୁଡ଼ିକ ଲେଖ ।

୧. ଝିଅମାନେ ମଧ୍ୟ ପୈତୃକ ସମ୍ପତ୍ତିର ଉତ୍ତରାଧିକାରୀ ଭାବେ ଉପଭୋଗ କରିପାରିବେ । (ଠିକ୍/ ଭୁଲ)

୨. ମହିଳାମାନଙ୍କ ଉପରେ ଘରୋଇହିଂସା ଜାତିର ଉର୍ଦ୍ଧ୍ୱରେ । (ଠିକ୍/ ଭୁଲ)

୩. ଯୌତୁକ ନିରୋଧ ଆଇନ ୧୯୭୬ ଅନୁଯାୟୀ ଯୌତୁକ ଦେବା ଓ ନେବା ଏକ ଦଣ୍ଡନୀୟ ଅପରାଧ ଅଟେ। (ଠିକ୍/ ଭୁଲ)

୪. ମହିଳା ଓ ଶ୍ରମିକମାନେ କର୍ମକ୍ଷେତ୍ରରେ ପାଉଣା ପାଇଁ ଶୋଷିତ ହୋଇଥାନ୍ତି । (ଠିକ୍/ଭୁଲ)

୫. ଅଧିକାଂଶ ମହିଳା ସେମାନଙ୍କ ବିଭିନ୍ନ ଅଧିକାର ଓ ସ୍ୱାଧୀନତା ଜନିତ ଆଇନ ପାଇଁ ସଚେତନ। (ଠିକ୍/ଭୁଲ)

## ୩୧.୩ ଅନ୍ୟାନ୍ୟ ପଛୁଆବର୍ଗଙ୍କ ସମସ୍ୟା (Problem of other Backward classes)

ତୁମେ ଜାଣିଛ କି ଅନ୍ୟାନ୍ୟ ପଛୁଆ ବର୍ଗରେ କେଉଁମାନେ ଅନ୍ତର୍ଭୁକ୍ତ ? ଆମ ଜାତି ବ୍ୟବସ୍ଥାରେ ସବୁ ଜାତି ସମାନ ପ୍ରସ୍ଥିତି ପାଇନଥାନ୍ତି । କେତେକ ଜାତି ଅଛନ୍ତି ଯେଉଁମାନେ ଉଚ୍ଚ ଜାତି ଓ ନୀଚ ଜାତି ମଝିରେ ରହିଥାନ୍ତି । ସେମାନଙ୍କର ପାରମ୍ପରିକ ବୃତ୍ତି ଥାଏ । ସେମାନେ ଯଜମାନୀ ବ୍ୟବସ୍ଥା ଅନୁଯାୟୀ ଅନ୍ୟ ଜାତିମାନଙ୍କୁ ସେବା ଯୋଗାଇଥାନ୍ତି । ସେମାନେ ହେଲେ କୃଷିଭିତ୍ତିକ, ବ୍ୟବସାୟୀ ଓ କାରିଗରୀ ଜାତିର। ଏହି ଜାତିରେ ଲୋକେ ଉଚ୍ଚ ଜାତିର ତଳେ ଓ ନୀଚ ଜାତିର ଉପରେ ରହିଥାନ୍ତି । ପୂର୍ବରୁ ଅନୁସୂଚିତଜାତି ଓ ଜନଜାତିମାନଙ୍କ ପାଇଁ ଶତକଡ଼ା ୨୨.୫ ଭାଗ ଚାକିରି ସଂରକ୍ଷିତ ଥିଲା, କିନ୍ତୁ ୧୯୭୯ ମସିହାରେ ଗଠିତ ମଣ୍ଡଳ କମିଶନର ସୁପାରିଶ ଅନୁଯାୟୀ ଆହୁରି ୨୭ଭାଗ ଚାକିରି ପଛୁଆ ବର୍ଗଙ୍କ ପାଇଁ ସଂରକ୍ଷିତ ହେଲା। ଏହି କମିଶନ ମୋଟ ୩୭୪୩ଟି ଜାତିକୁ ଅନ୍ୟାନ୍ୟ ପଛୁଆ ଜାତି ଭାବେ ଚିହ୍ନଟ କଲେ । ୧୯୯୯ ମସିହାରେ ବାଜପେୟୀ ସରକାର ଆହୁରି ୧୨୭ଟି ଜାତିକୁ ଏହାର ଅନ୍ତର୍ଭୁକ୍ତ କରିବା ଦ୍ୱାରା ଏହି ସଂଖ୍ୟା ୩୮୭୦ରେ ପହଞ୍ଚିଥିଲା।

ଅନ୍ୟାନ୍ୟ ପଛୁଆବର୍ଗଙ୍କ ବିଭିନ୍ନ ମୁଖ୍ୟ ସମସ୍ୟାଗୁଡିକ ନିମ୍ନରେ ପ୍ରଦାନ କରାଗଲା ।

### ୧. ପାରମ୍ପରିକ ମିଳାମିଶାର ଅଭାବ (Lack of Interaction)

ଗାଁମାନଙ୍କରେ ପଛୁଆ ଜାତି ଲୋକେ ଅଲଗା ସ୍ଥାନରେ ବସବାସ କରିଥାନ୍ତି । ଉଚ୍ଚଜାତିର ପିଲାମାନେ ସେମାନଙ୍କ ସାଙ୍ଗେ ବିଶେଷ ଭାବରେ ସମ୍ପର୍କ ରଖନ୍ତି ନାହିଁ । କିନ୍ତୁ ଆଜିକାଲି ପଛୁଆ ଜାତିର ଯୁବପିଢି ଏସବୁ ମାନୁନାହାନ୍ତି । କାରଣ ସେମାନେ ଏବେ ଅର୍ଥନୈତିକ ଓ ଶିକ୍ଷାଗତ ଦୃଷ୍ଟିରୁ ଉନ୍ନତ । ଏଣୁ ଏହା ଉନ୍ନତ ଜାତି ଓ ପଛୁଆ ଜାତି ମଧ୍ୟରେ ବେଳେବେଳେ ଦ୍ୱନ୍ଦ୍ୱ ଓ କଳହ ସୃଷ୍ଟି କରେ ।

### ୨. ଉଚ୍ଚ ଜାତି ଉପରେ ନିର୍ଭରତା (Dependency on Higher Castes)

ଅର୍ଥନୈତିକ ଓ ଶିକ୍ଷାଗତ ଦୃଷ୍ଟିରୁ ଉନ୍ନତ ବା ଉଚ୍ଚଜାତିଗୁଡିକ ପଛୁଆ ଜାତି ଉପରେ ସେମାନଙ୍କ ଜୀବିକା ପାଇଁ ନିର୍ଭର କରନ୍ତି ନାହିଁ । କିନ୍ତୁ କେତେକ ପଛୁଆ ଜାତିର ଲୋକେ ଗ୍ରାମାଞ୍ଚଳରେ ସେମାନଙ୍କ ଜୀବିକା ପାଇଁ ଉଚ୍ଚ ଜାତିଗୁଡିକ ଉପରେ ବିଭିନ୍ନ କାରଣରୁ ନିର୍ଭର କରିଥାନ୍ତି ।

### ୩. ଭାଗଚାଷ ସମସ୍ୟା (Problem of share-cropping)

ଗ୍ରାମାଞ୍ଚଳରେ ପଛୁଆ ଜାତିଗୁଡିକର ବହୁତ ଲୋକଙ୍କ ପାଖରେ ଜମି ଥାଏ । କେତେକ ଗ୍ରାମବାସୀ ମଧ୍ୟମ ଧରଣର ଚାଷୀ ହୋଇଥିବାବେଳେ ଆଉ କେତେକ ନାମମାତ୍ର ଚାଷୀ । ସେମାନେ ଉଚ୍ଚ ଜାତି ଲୋକଙ୍କ ଜମିକୁ ଭାଗ ଚାଷ ହିସାବରେ ଚାଷ କରିଥାନ୍ତି । ସେମାନେ ତାଙ୍କ ପରିବାର ସଦସ୍ୟମାନଙ୍କ ସଙ୍ଗେ ମିଶି ଶ୍ରମଦାନ କରିଥାନ୍ତି ଏବଂ ପଡୋଶୀମାନେ ମଧ୍ୟ ଏମାନଙ୍କ ସାଙ୍ଗେ ମିଶି ସାହାଯ୍ୟ କରନ୍ତି ।

### ୪. ଋଣଗ୍ରସ୍ତତା (Indebtedness)

କେତେକ ପଛୁଆ ଜାତିର ଲୋକେ ଖୁବ୍ ଭଲଭାବରେ ଚଳୁଥିବାବେଳେ ଆଉ କେତେକ ଅତି ଦୁଃଖ ଦୁର୍ଦ୍ଦଶାରେ ଦିନ କାଟିଥାନ୍ତି । ସେମାନେ ତାଙ୍କର ବିଭିନ୍ନ ଇଚ୍ଛା ପୂରଣ ପାଇଁ ଯଥା- ପୁଅଝିଅମାନଙ୍କର ବିବାହ ସମୟରେ, ପର୍ବପର୍ବାଣୀରେ, ମୃତ୍ୟୁଜନିତ ବିଧିବିଧାନ ପାଇଁ କିମ୍ବା ଭୋଜିଭାତ ସମୟରେ ସାହୁକାରଠାରୁ କରଜ କରିଥାନ୍ତି ଓ କରଜ ପରିଶୋଧ କରିନପାରି ଋଣରେ ବୁଡ଼ି ରହିଥାନ୍ତି ।

### ୫. ସ୍ୱାସ୍ଥ୍ୟ ଓ ପୁଷ୍ଟିକର ଖାଦ୍ୟ (Health and Nutrition)

ଅନେକ ପଛୁଆ ଜାତିର ଲୋକେ ଅସ୍ୱାସ୍ଥ୍ୟକର ପରିସ୍ଥିତିରେ ବାସ କରିଥାନ୍ତି । ସେମାନଙ୍କ



ପାଖେ ଗୋଟିଏ ଉପଯୁକ୍ତ ଘର ମଧ୍ୟ ନଥାଏ। ସେମାନଙ୍କ ଘରେ ପାଇଖାନା, ଗାଧୋଇବା ଘର, ରୋଷେଇଘର, ଝରକା, ନାଳ ଇତ୍ୟାଦି କିଛିନଥାଏ। ସେମାନଙ୍କୁ ଗାଈ, ଛେଳି, ମଇଁଷି ରହୁଥିବା ସ୍ଥାନରେ ରହିବାକୁ ପଡେ। ପିଇବା ପାଣି ପାଇଁ ଗୋଟିଏ ଉପଯୁକ୍ତ କୁଅ କିମ୍ବା ହାତ ପମ୍ପ ନଥାଏ। ଯେହେତୁ ସେମାନେ ଅର୍ଥନୈତିକ କ୍ଷେତ୍ରରେ ପଛୁଆ ତେଣୁ ପୁଷ୍ଟିସାର ଖାଦ୍ୟ ପାଇପାରନ୍ତି ନାହିଁ । ଯାହାଦ୍ୱାରା ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇଥାନ୍ତି ।

## ପାଠଗତ ପ୍ରଶ୍ନ ୩୧.୩

ବନ୍ଧନୀରେ ଥିବା ଉପଯୁକ୍ତ ଶବ୍ଦ ପ୍ରୟୋଗ କରି ଶୁନ୍ୟସ୍ଥାନ ପୂରଣ କର ।

୧. ପଛୁଆ ଜାତିମାନେ ଜାତି ବ୍ୟବସ୍ଥାରେ .................... ସ୍ଥାନ ଅଧିକାର କରିଥାନ୍ତି । (ମଧ୍ୟମ, ନୀଚ)

୨. ପଛୁଆ ଜାତିମାନେ ଅର୍ଥନୈତିକ ଓ ଶିକ୍ଷା କ୍ଷେତ୍ରରେ ............. ଉନ୍ନତ । (କମ୍, ବେଶୀ)

୩. ମଣ୍ଡଳ କମିଶନ ............. ମସିହାରେ ଗଠିତ ହୋଇଥିଲା । (୧୯୭୯, ୧୯୮୯)

୪. ମଣ୍ଡଳ କମିଶନର ରିପୋର୍ଟ ................. ମସିହାରେ କାର୍ଯ୍ୟକାରୀ ହେଲା। (୧୯୯୦, ୧୯୯୩)

୫. ଅଧିକାଂଶ ପଛୁଆ ଜାତିର ଲୋକେ ................. ଅଟନ୍ତି । (ଜମିଦାର, ଛୋଟ ଓ ମଧ୍ୟମ ଚାଷୀ)

## ତୁମେ କ'ଣ ଶିକ୍ଷା କଲ

- ଜାତି ପ୍ରଥାରେ ପଛୁଆ ଜାତିମାନେ ମଧ୍ୟମ ସ୍ଥାନ ଅଧିକାର କରିଥାନ୍ତି । ସେମାନେ ସାଧାରଣତଃ ଚାଷୀବର୍ଗର କିମ୍ବା ଉଚ୍ଚଜାତି ଉପରେ ନିର୍ଭର କରିଥାନ୍ତି । ଆଜିକାଲି ସେମାନେ ରାଜନୈତିକ କ୍ଷେତ୍ରରେ ବହୁତ ଶକ୍ତିଶାଳୀ ।
- ଆମ ସମାଜରେ ମହିଳାମାନଙ୍କ ସଂଖ୍ୟା ମୋଟ ଜନସଂଖ୍ୟାର ପ୍ରାୟ ଅର୍ଦ୍ଧେକ ଭାଗ । ଯଦିଓ ସେମାନେ ସମାଜରେ ଅଧାଅଧି, ତଥାପି ସେମାନଙ୍କୁ ପୁରୁଷମାନଙ୍କ ଉପରେ ନିର୍ଭର କରିବାକୁ ପଡେ। ଏହି ନିର୍ଭରତା ସେମାନଙ୍କୁ ଅଧିକାର ଓ ସ୍ୱାଧୀନତାରୁ ବଞ୍ଚିତ କରିଥାଏ। ସେମାନେ ଘରୋଇହିଂସା, ଯୌତୁକ ଜନିତ ମୃତ୍ୟୁ, ଶୋଷଣ ଓ ବିଭିନ୍ନ ଅତ୍ୟାଚାରର ଶିକାର ହୋଇଥାନ୍ତି ।
- ଛୋଟ ପିଲାମାନେ ହେଲେ ସମାଜର ମେରୁଦଣ୍ଡ ଏବଂ ବାଲ୍ୟାବସ୍ଥା ଜୀବନର ସବୁଠୁ



ଆନନ୍ଦଦାୟକ ସମୟ । କିନ୍ତୁ ଦରିଦ୍ରତା ଅନେକ ପିଲାଙ୍କୁ ଶିଶୁ ଶ୍ରମିକ ଓ ରାସ୍ତାଘାଟର ପିଲା ହେବାପାଇଁ ବାଧ୍ୟ କରିଥାଏ ।

## ପାଠ୍ୟାନ୍ତ ପ୍ରଶ୍ନାବଳୀ

୧. ଅନ୍ୟାନ୍ୟ ପଛୁଆବର୍ଗ କାହାକୁ କୁହାଯାଏ ? (୨୦୦ ଶବ୍ଦରେ ଲେଖ)

୨. ଆମ ସମାଜରେ ଥିବା ପାଞ୍ଚ ପ୍ରକାର ଲିଙ୍ଗଗତ ପ୍ରଭେଦଗୁଡିକ ୨୦୦ ଶବ୍ଦରେ ଲେଖ ।

୩. ଯୌତୁକ କ'ଣ? ଏହାକୁ କାହିଁକି ଏକ କୁସାମାଜିକ ପ୍ରଥା କୁହାଯାଏ ?

୪. ଘରୋଇହିଂସା କ'ଣ ? ଘରୋଇ ହିଂସାର ବିଭିନ୍ନ କାରଣଗୁଡିକ ଦର୍ଶାଅ ।

୫. ଝିଅପିଲାଙ୍କର ଚାରୋଟି ସମସ୍ୟା କ'ଣ ୨୦୦ ଶବ୍ଦରେ ଲେଖ ।

୬. ରାସ୍ତାକଡର ପିଲା କିଏ ? ସେମାନଙ୍କ କି ସମସ୍ୟା ଅଛି ?

୭. ଶିଶୁ ଶ୍ରମିକ କାହାକୁ କୁହାଯାଏ ?

## ପାଠଗତ ପ୍ରଶ୍ନଗୁଡିକର ଉତ୍ତର

୩୧.୧ ୧-୩, ୨-୪, ୩-୫, ୪-୨, ୫-୧

୩୧.୨ (୧) ଠିକ୍ (୨) ଠିକ୍ (୩) ଠିକ୍, (୪) ଠିକ୍ (୫) ଭୁଲ

୩୧.୩ (୧) ମଧ୍ୟମ (୨) କମ୍, (୩) ୧୯୭୯ (୪) ୧୯୯୩,
(୫) ଛୋଟ ଓ ମଧ୍ୟମ ଚାଷୀ